# କାଇପାରା ଗ୍ରାମର କାହାଣୀ

## ଯଦି ଏକ ଗଭୀର ଦୃଷ୍ଟିକୋଣରୁ ଦେଖାଯାଏ, ତେବେ ପଶ୍ଚିମବଙ୍ଗର ଗ୍ରାମ ଗୁଡ଼ିକରେ ଫେଡେରେସନ୍ ମତ୍ସ୍ୟଜୀବୀ ସ୍ୱୟଂସେବୀ ଦଳ ଏବଂ ମତ୍ସ୍ୟଜୀବୀ ସଂସ୍ଥାର ମିଳିତ କାର୍ଯ୍ୟ ଗୁଡ଼ିକର ଉପତ୍ତି କିପରି ଲାଭଜନକ ତାହା ଦେଖିବାକୁ ମିଳେ

ଗ୍ରାହମ ହେଲର, ସତ୍ୟେନ୍ଦ୍ର, ଡି. ତ୍ରିପାଠୀ ଏବଂ ଉଇଲିୟମ୍ ସେଭେଜ୍ ଏବଂ କୁଦୁସ୍ ଆନସାରୀ, ଗୌତମ ଦତ୍ତା ଏବଂ ଏସ.ଏଲ୍ ଯାଦବଙ୍କ ସହ ପରାମର୍ଶରେ ଏହା ଲିଖିତ।

### ଦକ୍ଷ ଲୋକମାନେ ଆବଶ୍ୟକ ସ୍ଥଳେ ନିଜର ଭବିଷ୍ୟତକୁ ନିଜ ଅକ୍ତିଆରରେ ରଖିପାରନ୍ତି

ବିଶ୍ୱରେ ଭାରତ ହେଉଛି ଏକ ସର୍ବଶ୍ରେଷ୍ଠ ଆଦିବାସୀ ଅଧ୍ୟୁଷିତ ସ୍ଥାନ। ଭାରତର ସମ୍ବିଧାନ ଅନୁଯାୟୀ ଏହି ଗୋଷ୍ଠୀମାନଙ୍କୁ ଆଦିବାସୀ ଓ ହରିଜନ ନାମରେ ନାମିତ କରାଯାଇଛି। ଆଦିବାସୀ ବା (ପ୍ରଥମ ବାସିନ୍ଦା ଯେପରିକି ଅଷ୍ଟ୍ରେଲିଆର ଆବୋରିଜିନାଲ୍ ଲୋକ ପ୍ରଥମ ବାସିନ୍ଦା) ଏବଂ ଅନ୍ୟ ସମସ୍ତଙ୍କୁ ସାଧାରଣ ଭାବେ ଅନ୍ୟ ପଛୁଆ ଜାତି ଭାବେ ଶ୍ରେଣୀ ବଦ୍ଧ କରାଯାଇଛି। ଅନେକ ବର୍ଷ ପରେ ବର୍ତ୍ତମାନ ଭାରତବର୍ଷର ସେହି ଅନୁନ୍ନତ ଗ୍ରାମଅଞ୍ଚଳ ଗୁଡ଼ିକରେ ଲୋକମାନେ ଯେଉଁମାନେ କି ସାମାନ୍ୟ ସମ୍ବଳରୁ ନିଜର ଜୀବିକା ଉପାର୍ଜନ କରନ୍ତି। ସେମାନଙ୍କର ପାଇଁ ସ୍ୱର ଉତ୍ତୋଳନ କରାଯାଉଛି। ସେମାନଙ୍କ ଉତ୍‌ଥାନ ନିମନ୍ତେ ବିଭିନ୍ନ ଯୋଜନା ଗୁଡ଼ିକ ବିକାଶ ଲାଭ କରାଯାଉଛି। ଏମାନଙ୍କ ମଧ୍ୟରୁ ଅନେକ ଏହାର ସୀମିତ ସଫଳତା ସମ୍ବନ୍ଧରେ ରାଜି ହୁଅନ୍ତି। ବର୍ତ୍ତମାନ ପଶ୍ଚିମବଙ୍ଗର ଗ୍ରାମ୍ୟଗୁଡ଼ିକରେ ଏକ ଉତ୍ତୋଳନ ଏବଂ ଆତ୍ମବିଶ୍ୱାସର ଏଇ ଜାଗୃତି ସୃଷ୍ଟି ହୋଇଛି। ଦକ୍ଷ ଲୋକମାନେ ସେମାନଙ୍କର ଭବିଷ୍ୟତକୁ ନିଜ ହାତମୁଠାରେ ରଖିପାରନ୍ତି। ଅନେକ ସେମାନଙ୍କର ସୀମିତ ଜମି ଓ ଜଙ୍ଗଲ ସମ୍ପଦ ଥିବାରୁ କିପରି ଗ୍ରାମ ଗୁଡ଼ିକରେ ରତଗତ ଭାବରେ ଜଳସଂରକ୍ଷଣ କରିପାରିବେ ତାହା ପ୍ରଥମେ ଦେଖନ୍ତି, ଏବଂ ଚେଷ୍ଟା କରନ୍ତି ଯେ କିପରି ସେମାନେ ନିଜର ପରିବାରକୁ ପ୍ରତିପାଳନ କରିପାରିବେ ଏବଂ ଚେଷ୍ଟା କରନ୍ତି ଯାଯାବର ଭାବେ କରୁଥିବା କାର୍ଯ୍ୟକୁ ଏଡ଼ାଇ ଦେଇପାରିବେ। ମତ୍ସ୍ୟଜୀବୀ ଓ କୃଷକମାନେ ଏକତ୍ର ମିଶି କାର୍ଯ୍ୟ କରନ୍ତି ଯେପରି ସେମାନଙ୍କର ଜୀବିକା ଉପାର୍ଜନ କରିପାରିବେ ଏବଂ ସେଥିପାଇଁ ସେମାନେ ସ୍ୱୟଂ ସହାୟତା ଦଳର ସାହାଯ୍ୟରେ ଏକ ମିଳିତ ଉଦ୍ୟମ ଆରମ୍ଭ କରିଛନ୍ତି। ସେମାନଙ୍କର ଜୀବନଧାରଣ ନିମନ୍ତେ ଯେଉଁ ଯୋଜନା ଗୁଡ଼ିକ ସେମାନଙ୍କୁ ପ୍ରଭାବିତ କରୁଛି ତାହାର ସାହାଯ୍ୟ ପାଇଁ ସେମାନେ ସେମାନଙ୍କର ଶକ୍ତି ପ୍ରୟୋଗ କରୁଛନ୍ତି।

### କାଇପାରା ଗ୍ରାମର ଏକ ସତ୍ୟ କାହାଣୀ

ପଶ୍ଚିମବଙ୍ଗ ରାଜ୍ୟର ପୁରୁଲିଆ ଜିଲ୍ଲାର ବଡ଼ବଜାର ବ୍ଲକରେ କାଇପାରା ଗ୍ରାମ ଅବସ୍ଥିତ। ସମ୍ଭବତଃ ଦକ୍ଷିଣ ପୁରୁଲିଆ ସହରଠାରୁ ୩୪ କି.ମି. ଓ ଉତ୍ତର ପୂର୍ବ ବଡ଼ବଜାରର ୨୪ କି.ମି. ଦୂରରେ ଏହା ଅବସ୍ଥିତ। ଏହି ଗ୍ରାମଟି ବଡ଼ବଜାର - ପୁରୁଲିଆ ଟର୍‌ମେକ୍ ରୋଡ଼ରୁ ୧୫ କି.ମି. ଦୂରରେ ଅବସ୍ଥିତ।

ପ୍ରାୟ ୧୨୦୦ ଲୋକ ଏହି କାଇପରା ଗ୍ରାମରେ ପାଖାପାଖି ୨୦୦ଟି ପରିବାରରେ ବାସ କରନ୍ତି ଏବଂ ଅନ୍ୟ ୮୦ ପରିବାର ନିକଟସ୍ଥ ହାମ୍‌ଲେଟ୍ (ବାଦୋଲା) ଖାମାର ଟାନର୍‌ରେ ଏବଂ ଗୁଡ୍‌ସାଇପୁଆ ତଲାରେ ବାସ କରନ୍ତି। ଏହି ଜନସଂଖ୍ୟା ମଧ୍ୟରେ ବିଭିନ୍ନ ଜାତିର ଲୋକ ରହନ୍ତି ଯଥା ମହାନ୍ତ[୧], ଆଦିବାସୀ, ଆଦିବାସୀ ଓରୋଆନ୍ ଏବଂ ହରିଜନ ରୁହିବାସ୍, ସାହି ଏବଂ କାଳିନ୍ଦୀ।



ପଶ୍ଚିମବଙ୍ଗର କାଇପରା ଗ୍ରାମ

[୧] ମହାନ୍ତ ଦଳ ହେଉଛି ଭାରତର ଅନ୍ୟ ପଛୁଆ ଜାତିଭାବେ ଭାଗ କରାଯାଇଛନ୍ତି।

ଅକ୍ଟୋବର ଏକ ଶନିବାରରେ ଆମର କାଇପାରାକୁ ଶେଷ ଯାତ୍ରା ଥିଲା । ଏହା ବର୍ଷା ଋତୁର ଶେଷ ଦିନ ଗୁଡ଼ିକ ଥିଲା ଏବଂ ରାସ୍ତାଗୁଡ଼ିକ କାଦୁଅ ପୂର୍ଣ୍ଣ ଥିଲା କିନ୍ତୁ ବର୍ଷାଋତୁର ପୋଖରୀ ଗୁଡ଼ିକ ପୂର୍ଣ୍ଣ ଥିଲା ।

### ଅନୁନ୍ନତ ସ୍ୱାସ୍ଥ୍ୟ, ସୀମିତ ଶିକ୍ଷା, ଅଳ୍ପ ସାଧନ

କାଇପାରା ଗ୍ରାମର ଅନେକ ଲୋକ ଅଳ୍ପ କିଛି ବିଦ୍ୟାଳୟଗତ ଶିକ୍ଷା ପାଇଛନ୍ତି । ବର୍ତ୍ତମାନ ସୁଦ୍ଧା ଗ୍ରାମର ଅର୍ଦ୍ଧେକ ପୁରୁଷ ପଢ଼ିପାରନ୍ତି । (୪୦ ପ୍ରତିଶତରୁ କିଛି ଉର୍ଦ୍ଧ୍ୱକୁ ଉଠିଛନ୍ତି) । ଯେତେବେଳେ କି ଏକ ତୃତୀୟାଂଶର ମଧ କମ୍ ସ୍ତ୍ରୀ ଲୋକମାନେ ପଢ଼ିପାରନ୍ତି । (କିଛି ବର୍ଷ ପୂର୍ବରୁ ଥିବା ୧୨ ପ୍ରତିଶତରୁ କିଛି ଉର୍ଦ୍ଧ୍ୱକୁ ଉଠିଛନ୍ତି) । ଏଠାକାର ଲୋକମାନେ ବହୁଦିନ ଧରି ସ୍ୱାସ୍ଥ୍ୟଗତ ସମସ୍ୟା ଯଥା - କୁପୋଷଣ, ଝାଡ଼ା, ଚର୍ମରୋଗ, ମ୍ୟାଲେରିଆ ଏବଂ ରକ୍ତହୀନତା (ସାଧାରଣତଃ ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଏ) ଭୋଗ କରନ୍ତି । ବହୁବର୍ଷ ଧରି ଯେଉଁ ପରିବାରଗୁଡ଼ିକ ନିଜର ପରିବାର ପାଇଁ ଗୋଟେ ବର୍ଷ ମଧ୍ୟରେ ପ୍ରଚୁର ଖାଦ୍ୟ ଉତ୍ପାଦନ କରିପାରନ୍ତି ନାହିଁ ସେମାନଙ୍କ ନିମନ୍ତେ ଦୁଇଟି ସାଧନ ରହିଛି । (୭୫% ଗ୍ରାମବାସୀଙ୍କ ନିମନ୍ତେ) । ସେମାନଙ୍କ ଖାଦ୍ୟ ସମସ୍ୟା ଦୂର କରିବା ପାଇଁ ଉତ୍ପାଦନ ଓ ଆୟର ସମସ୍ତ ରାସ୍ତା ବିଫଳ ହୋଇଯାଏ, ସେତେବେଳେ ସେମାନେ ଖାଦ୍ୟ ନିମନ୍ତେ ଧନୀ ପରିବାର ମାନଙ୍କ ଠାରୁ ଧାନ କିଣି ଆଣିଥାଆନ୍ତି । ଯାହାକି ଧାନରଣ (ଦାଦନ) ବୋଲି ପ୍ରଚଳିତ । ଯାହାପାଇଁ ସେମାନେ ୨ ମାସରୁ ୬ ମାସ ପାଇଁ ୫୦% ସୁଧ ଦିଅନ୍ତି ଅଥବା ସେମାନେ ଅନ୍ୟସ୍ଥାନକୁ କାର୍ଯ୍ୟ କରିବା ପାଇଁ ଯାଆନ୍ତି । ଅନେକ ସମୟରେ ଗ୍ରାମବାସୀମାନଙ୍କୁ ୪ରୁ ୬ ମାସ ପର୍ଯ୍ୟନ୍ତ ବାହାରକୁ କାର୍ଯ୍ୟ କରିବାକୁ ଯିବା ପାଇଁ ବାଧ କରାଯାଏ । ସେମାନେ ସେମାନଙ୍କର ବୃଦ୍ଧ ଲୋକମାନଙ୍କୁ, ସ୍ତ୍ରୀ ମାନଙ୍କୁ ଓ ପିଲାମାନଙ୍କୁ ଗୃହ ଓ ପଶୁମାନଙ୍କର ଦେଖାଶୁଣା କରିବା ପାଇଁ ଗ୍ରାମରେ ଛାଡ଼ିଯାଆନ୍ତି । ପୂର୍ବଭାରତର ଅନୁନ୍ନତ ଗୋଷ୍ଠୀମାନଙ୍କ ମଧ୍ୟରେ ଗ୍ରାମଛାଡ଼ି ଅନ୍ୟ ସ୍ଥାନକୁ ଯିବା ଗୋଟେ ଅଭିଶାପ ବୋଲି ଜଣାଯାଏ । ସେହି ଦାଦନ ଶ୍ରମିକମାନେ ଅନେକ ସମୟରେ ନିରାଶ ଏବଂ ହତାଶ ହେବାର ଖବର ମିଳିଥାଏ ।

### ବିଭିନ୍ନ ସମସ୍ୟା ଗୁଡ଼ିକରୁ ମୁକ୍ତି ନିମନ୍ତେ ଦଳ ଗଠନ :

ବେଙ୍ଗଲର[୨] ଜବାରାହ ଗ୍ରାମ ସହିତ କାଇପାରା ଗ୍ରାମକୁ ୧୯୯୦ ମସିହାରେ ହିନ୍ଦୁସ୍ଥାନ ଫର୍ଟିଲାଇଜର କର୍ପୋରେସନ୍ ଏକ ସାହାଯ୍ୟର ପ୍ରସ୍ତାବ ଆଣିଥିଲେ । ପୁଣି ୧୯୯୫ ମସିହାରେ ଇଣ୍ଡିଆନ୍ ଫର୍ଟିଲାଇଜର କର୍ପୋରେସନ୍ । କୃଷକ ଭାରତୀ କର୍ପୋରେଟିଭ୍ (KRIBHCO)ଏବଂ UK ସରକାରର ଡ଼ିପାର୍ଟମେଣ୍ଟ ଫର୍ ଇଣ୍ଟରନ୍ୟାସନାଲ୍ ଡେଭଲପମେଣ୍ଟ (DFID) ମିଳିତ ଭାବରେ ଲୋକମାନଙ୍କୁ ଉତ୍ସାହିତ କଲେ କିପରି ସଂଘ ବଦ୍ଧ ଭାବରେ ପୂର୍ବଭାରତୀୟ ବର୍ଷାକାଳୀନ ଚାଷ ଯୋଜନାକୁ ସମ୍ଭାଳି ପାରିବେ । ସେମାନେ ଏକ ପ୍ରଣାଳୀ ଦ୍ୱାରା ସାମାଜିକ ଆର୍ଥିକ ଉନ୍ନତିକୁ ବୃଦ୍ଧି କରିବା ପାଇଁ ଚେଷ୍ଟା କଲେ । ଯେଉଁଥିରେ କି ଗୋଷ୍ଠୀ ଉନ୍ନୟନକାରୀମାନଙ୍କର ବହୁ ଅବଦାନ ରହିଥିଲା ।



କାଇପରା ଗ୍ରାମରେ ଯେଉଁମାନେ ବହୁବର୍ଷ ଧରି କାମ କରି ଆସୁଛନ୍ତି ସେମାନଙ୍କ ସହିତ ଶ୍ରୀ ଏସ୍.ଏଲ୍ ଯାଦବ ଏବଂ ଶ୍ରୀ ବି. ଦତ୍ତ ।

ଯେପରିକି ଏସ୍.କେ. ମହାପାତ୍ର ଏବଂ ମିଷ୍ଟର ଜି. ଦତ୍ତା (ଗୋଷ୍ଠୀ ଉନ୍ନୟନକାରୀ) ଏହି ଗୋଷ୍ଠୀ ମାଧମରେ ଲୋକମାନଙ୍କ ମଧ୍ୟରେ ଉଚ୍ଚକୋଟୀର ପ୍ରଚାର କାର୍ଯ୍ୟ ଦ୍ୱାରା ସେମାନଙ୍କ ମଧ୍ୟରେ ଉତ୍ସାହ ଓ ଜାଗୃତି ଆଣିଲେ ଯଦ୍ୱାରା ସେମାନେ ଦଳବଦ୍ଧ ଭାବରେ ତାଙ୍କର ଜୀବିକା ନିର୍ବାହ ପାଇଁ ଉପୁଜୁଥିବା ସମସ୍ୟାରୁ ଅତିକ୍ରମ କରିବା ପାଇଁ ବିଭିନ୍ନ ଯୋଜନା ମାଧମରେ କାର୍ଯ୍ୟ କରିବା ପାଇଁ ଆରମ୍ଭ କଲେ ।

### କିପରି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକରୁ ଅତିକ୍ରମ କରିହେବ

ସୀମିତ ଶିକ୍ଷା ଓ ସ୍ୱାସ୍ଥ୍ୟ ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାରର ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଅତିକ୍ରମ କରିବା ଏବଂ ସାମାନ୍ୟ ସ୍ଥାନୀୟ ପ୍ରାକୃତିକ ସଂପଦରୁ ଯେଉଁଥିରୁ କି ନିଜର ଜୀବନଧାରଣ ନିର୍ବାହ କରିପାରିବେ । କାଇପରାରେ କେବଳ ୧୫୦ ହେକ୍ଟର ଧାନଜମି ଅଛି ମାତ୍ର ପାଖାପାଖି ଅଞ୍ଚଳରେ କୌଣସି ଜଙ୍ଗଲ ସଂପଦ ନାହିଁ ।

---

[୨] www.streaminitinveorg/library/pdf/pdf-india/jabarah.pdf

ଜୀବାଣୁ ଏବଂ ରୋଗଦ୍ୱାରା ଅନେକ ସମୟରେ ଫସଲ ନଷ୍ଟ ହେବାର ସମ୍ଭାବନା ଥାଏ। ଉଦାହରଣସ୍ୱରୂପ- ବାଇଗଣ ଓ ବିଲାତିବାଇଗଣରେ ଚଳିତ ବର୍ଷରେ ରୋଗଦ୍ୱାରା ଏତେ ନଷ୍ଟ ହେଲା ଯାହାକି କୃଷକକୁ ଏହି ସମସ୍ତ ଚାଷ କରିବାର ମନୋବଳକୁ ଭାଙ୍ଗି ଦେଉଛି। ସାଧାରଣ ଧାନ ଚାଷରେ ପତ୍ରପୋଡ଼ା, ଡେମ୍ଫବିନ୍ଧା ଇତ୍ୟାଦି ରୋଗ ବର୍ତ୍ତମାନ ବର୍ଷ ଗୁଡ଼ିକରେ ଏକ ସାଧାରଣ ସମସ୍ୟା ଭାବେ ଦେଖାଦେଉଛି।



ପଶ୍ଚିମବଙ୍ଗର କାଇପରା ଗ୍ରାମ

କାଇପାରା ଗ୍ରାମରେ ସମସ୍ତ ଗୃହପାଳିତ ପଶୁ ଦେଶୀ ଜାତିର ଏବଂ ସେମାନଙ୍କର ପାଳନ ପୋଷଣ ବହୁତ ନିମ୍ନ ସ୍ତରର ହୋଇଥାଏ। ସେମାନେ ବାହାରେ ଚରାବୁଲା କରନ୍ତି ଏବଂ ଋତୁଗତ ଖାଦ୍ୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ବର୍ଷରେ ବର୍ଷାଋତୁରେ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ଦେଖାଯାଏ। ଏବଂ ପଶୁପାଳନ କେନ୍ଦ୍ର ମଧ ସେଠାରେ ସୀମିତ ଯଦିଓ ଗ୍ରାମବାସୀ ମାନେ ଗୃହପାଳିତ ପଶୁମାନଙ୍କ ନିମନ୍ତେ ଦରକାରୀ ଖର୍ଚ୍ଚ କରିଥାଆନ୍ତି ତଥାପି ଯେଉଁ କ୍ଷତି ହୁଏ, ତାହା ସେମାନଙ୍କର ଜୀବନଧାରଣ ଉପରେ ପ୍ରଭାବ ପକାଇଥାଏ।

ଏଠାରେ ଜୁନ୍‌ରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ମଧମ ଧରଣର ବର୍ଷା ହୋଇଥାଏ ଯାହାକି ସମୁଦାୟ ୧୨୦୦ ମି.ଲି.ର ବର୍ଷା ୪ ମାସ ପର୍ଯ୍ୟନ୍ତ ହୋଇଥାଏ। ଏହି ବର୍ଷା ମଧ ପ୍ରତ୍ୟେକ ବର୍ଷ ସମାନ୍ ହୁଏ ନାହିଁ। ପ୍ରତି ୪ ବର୍ଷରେ ବର୍ଷା କମ୍ ହେଲେ ଉଚ୍ଚଭୂମିରେ ଫସଲ ଉତ୍ପାଦନରେ ବାଧା ସୃଷ୍ଟି ହୋଇଥାଏ। ଗତବର୍ଷ ଗୁଡ଼ିକରେ ଏହି ସମସ୍ୟା ୧୯୮୮ ଏବଂ ୧୯୯୩ ମସିହାରେ ଦେଖାଯାଇଥିଲା।

### ସଂପଦର ବିଭିନ୍ନ ପ୍ରକାରରେ ବ୍ୟବହାର ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଖୋଜିବା :

କାଇପାରା ଗ୍ରାମରେ ଶିଳ୍ପ ପ୍ରତିଷ୍ଠାନ ତଥା ବିଭିନ୍ନ ଲୋକମାନଙ୍କର ଆଗମନ ହେତୁ ପ୍ରାୟ ସମସ୍ତ ସଂପଦର ବିଭିନ୍ନ ପ୍ରକାର ବ୍ୟବହାର ହେଉଛି। ଏହାର ଦୁଇଟି ଉଦାହରଣ ହେଉଛି (୧) ଗୃହପାଳିତ ପଶୁ ଏବଂ ପୋଖରୀ। ଗୃହପାଳିତ ପଶୁମାନେ ଏଠାରେ ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହୋଇଥାନ୍ତି ଯେପରିକି ଚାଷ କାର୍ଯ୍ୟରେ, ଭାରବହନ କାର୍ଯ୍ୟରେ ଜମିକୁ ଖତ ଦ୍ୱାରା ଉର୍ବର କରାଇବାରେ, ଦୁଗ୍ଧ ଉତ୍ପାଦନରେ ପୁଣି ଜରୁରୀ ଆବଶ୍ୟକତାରେ ଅର୍ଥ ସାହାର୍ଯ୍ୟ ମଧ କରିଥାଆନ୍ତି। (ଯାହାକି କୁକୁଡ଼ା ଏବଂ ଛେଳିରୁ ମିଳିଥାଏ) ଛେଳିଗୁଡ଼ିକୁ ଅନେକ ସମୟରେ ବିଶେଷ ଉପଲକ୍ଷ ପାଇଁ ଘରେ ବ୍ୟବହାର କରାଯାଏ, ଯେତେବେଳେ କି କୁକୁଡ଼ା ସବୁବେଳେ ଖିଆଯାଏ।

ଯେତେବେଳେ ଦଳର ଅଭାବ ଦୃଷ୍ଟିରୁ ସାଧାରଣ ହିତଦୃଷ୍ଟିରୁ ପୋଖରୀ ନିର୍ମାଣ କରାଗଲା ଏବଂ ଅଳ୍ପ ଜଳର ଯୋଗାଣ ନିମନ୍ତେ ଏହା ତିଆରି କରାଗଲା। ଏହି ଗ୍ରାମରେ ୩୬ଟି ପୋଖରୀରେ ଜଳ ସଂରକ୍ଷଣ କରାଗଲା। ତେଣୁ ସେହି ପୋଖରୀ ଗୁଡ଼ିକରେ ବର୍ତ୍ତମାନ ମତ୍ସ୍ୟଚାଷ ଆରମ୍ଭ କରାଯାଇଛି। ଏଥିରେ ବର୍ଷାଜଳ ମଧ ସଂରକ୍ଷଣ କରାଯାଏ। ଜଳ ସେଚନ କାର୍ଯ୍ୟ, ପଶୁମାନଙ୍କର ଗାଧୋଇବା ଓ ଲୋକମାନଙ୍କର ଗାଧୋଇବା କାର୍ଯ୍ୟ ମଧ କରାଯାଏ।

ଏତେଗୁଡ଼ିଏ ସମସ୍ୟା ଯାହାକି ପରସ୍ପର ସହ ଜଡ଼ିତ ହୋଇ ରହିଛି ସେଥିରୁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଖୋଜି ବାହାର କରିବା ବହୁତ କଷ୍ଟସାଧ। କିଛି ଶସ୍ୟ ଉତ୍ପାଦନର ସଫଳତା ରହିଛି ଯେପରି ଉଦାହରଣସ୍ୱରୂପ- ସ୍ଥାନୀୟ କଳାବୁଟ (ଯାହାକି ଡାଲି ଆକାରରେ ବ୍ୟବହୃତ ହୁଏ)।ଯାହା ଉଚ୍ଚଭୂମିରେ ଥିବା ଘାସ ସଙ୍ଗେ ପ୍ରତିଯୋଗୀତା କରେ। ଏବଂ ରବି ଫସଲରେ ସୋରିଷ କିଛି ସଫଳତା ଲାଭ କରିଛି। ଏବଂ ପୋଖରୀରେ ମତ୍ସ୍ୟଚାଷ ମଧ ଅଧିକ ସଫଳତା ଲାଭ କରିଛି ଯାହାକି ସ୍ୱୟଂ ସହାୟତା ଅନୁଷ୍ଠାନ ବିଶେଷ ଲାଭବାନ କରାଇଛି। ଯଦିବା ସେହି ପୋଖରୀ ଗୁଡ଼ିକ ବର୍ଷାଋତୁର ଜଳକୁ ଅପେକ୍ଷା କରିଥାଏ। ଏଗୁଡ଼ିକ ହେଉଛି ସେହି ସଂପଦ ଯାହାଦ୍ୱାରା, କାଇପାରା ଗ୍ରାମର

ଲୋକମାନେ ମିଳିତ ଭାବେ କାର୍ଯ୍ୟକରି ତାଙ୍କ ଜୀବନରେ ସେହି ପରିବେଶ ମଧ୍ୟରେ ପରିବର୍ତ୍ତନ ଆଣିଛନ୍ତି । ତା ମଧ୍ୟରେ ସେମାନେ ଉତ୍ତମ ଖାଦ୍ୟ ପୋଷଣ ଓ ଲାଭଦାୟକ କାର୍ଯ୍ୟ କରିପାରିଛନ୍ତି ।

### କାହିଁକି ମତ୍ସ୍ୟଚାଷ ବଞ୍ଚିବାର ଏକ ସାଧନ

ଆମ୍ଭେମାନେ ସମସ୍ତେ ଆମ୍ଭମାନଙ୍କର ଚତୁଃପାର୍ଶ୍ୱରେ ଥିବା ପରିସ୍ଥିତିକୁ ନିଜେ ହିଁ ଗଢ଼ିଥାଉ ଏବଂ ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣଙ୍କର ଭିନ୍ନ ଭିନ୍ନ ପ୍ରକାର ମାନଦଣ୍ଡମାନ ରହିଛି ଏବଂ ପସନ୍ଦର ବିଭିନ୍ନ କାରଣମାନ ଆମ୍ଭେମାନେ ଗଢ଼ିଥାଉ । ପଶ୍ଚିମବଙ୍ଗ ତାର ପଡ଼ୋଶୀ ରାଜ୍ୟର ଗ୍ରାମଗୁଡ଼ିକରେ ମତ୍ସ୍ୟଚାଷ କାହିଁକି ଏକ ଜନପ୍ରିୟ ଜୀବିକାର ସାଧନ ତାର ୩ଟି କାରଣ ରହିଛି । ପ୍ରଥମତଃ ଯେଉଁମାନେ କିଣି ଖାଆନ୍ତି ସେମାନଙ୍କ ଠାରୁ ଯେଉଁମାନେ ଖାଦ୍ୟ ଉତ୍ପାଦନ କରନ୍ତି ସେମାନଙ୍କ ପାଖରେ ଖାଦ୍ୟର ଅଭାବ ନଥାଏ । କାଇପାରାର ପ୍ରତ୍ୟେକ ବ୍ୟକ୍ତି ବେଳେବେଳେ ନିଜର ବ୍ୟକ୍ତିଗତ, ପରିବାରିକ ଯନ୍ତ୍ରଣାମୟ ବାସ୍ତବତା ଦେଇ ଗତିକରନ୍ତି ସେଥିପାଇଁ ସେମାନେ ନିଜର ଜୀବନଧାରଣ ନିମନ୍ତେ ଖାଦ୍ୟ ସଂରକ୍ଷଣ କରନ୍ତି ଦାଦନମାନଙ୍କ ଦ୍ୱାରା ଏବଂ ଅନ୍ୟାନ୍ୟ ସାଧନ ଦ୍ୱାରା ଏବଂ ଏହା ତାଙ୍କ ମଧ୍ୟରେ ଜାଗୃତି ଆଣି ଦିଏ ।



କାଇପରାର ପୋଖରୀରେ ଜାଲ ବିଛାଇବାର ଦୃଶ୍ୟ

ତେଣୁ ଏହା ଏକ ଆଶ୍ଚର୍ଯ୍ୟଜନକ ବିଷୟ ନୁହେଁ ଯେ ସେମାନେ ନିଜର ଜୀବିକା ନିର୍ବାହ ନିମନ୍ତେ ଖାଦ୍ୟ ଉତ୍ପାଦନ ପାଇଁ ବିଶେଷ ଆଗ୍ରହୀ । ବ୍ରିଟେନ୍ ଠାରୁ ସ୍ୱାଧୀନତା ପାଇବା ପୂର୍ବରୁ ପଶ୍ଚିମବଙ୍ଗ ଯେଉଁ ମହା ଦୁର୍ଭିକ୍ଷର ସମ୍ମୁଖୀନ ହୋଇଥିଲା ତାହା ଏବେ ମଧ୍ୟ କାଇପାରାର ବୃଦ୍ଧ ବାସୀନ୍ଦାମାନେ ମନେ ରଖିଛନ୍ତି । ଯଦିଓ ଏହାକୁ କେହି ଜାଣିନାହାନ୍ତି ଯେ ସମସ୍ତ ରାଜ୍ୟରେ କେତେଲୋକ ମରିଥିଲେ ତଥାପି ପ୍ରତ୍ୟେକ ଏଥିରେ ସମ୍ମତ ହୁଅନ୍ତି ଯେ ଗ୍ରାମାଞ୍ଚଳର ଅନେକ ଦୁର୍ଦ୍ଦଶାଗ୍ରସ୍ତ ହୋଇଥିଲେ । ଏବଂ ଅନେକ ଏଥିରୁ ନିରାଶ ହୋଇଥିଲେ । ଖାଦ୍ୟ ମିଳୁଥିବା ସତ୍ତ୍ୱେ ସେମାନେ ଭୋକିଲା ରହି ମୃତ୍ୟୁବରଣ କରିଥିଲେ । ସେଥିପାଇଁ ଖାଦ୍ୟ ସଂରକ୍ଷଣ କରିବା ଏକ ଜରୁରୀ ଆବଶ୍ୟକତା ଥିଲା, ଖାଦ୍ୟ ଉତ୍ପାଦନକାରୀମାନଙ୍କ ନିମନ୍ତେ । ଯାହାକି ସେମାନଙ୍କୁ ତାଙ୍କର ଜୀବିକା ଧାରଣ ନିମନ୍ତେ ସାହାର୍ଯ୍ୟ କରୁଥିଲା ।

ଦ୍ୱିତୀୟ କାରଣ ହେଲା କ୍ଷୁଦ୍ରମାନର ମତ୍ସ୍ୟ ଉତ୍ପାଦନ ସଫଳତା ପୂର୍ଣ୍ଣ ଥିଲା । ପଶ୍ଚିମବଙ୍ଗ ଗ୍ରାମଗୁଡ଼ିକରେ ସ୍ୱୟଂ ସହାୟକ ସଂସ୍ଥା ସହିତ ନାରୀ ଦଳ ଯଥା- ବାମୁ ମହିଳା ସମିତି ଏବଂ କାମାତମ ମହିଳା ସମିତି ଏବଂ ପୁରୁଷଦଳ ସହିତ ଖାମାତମ୍ ନବତରୁନ୍ ସଂଘ, ଏବଂ କାଇପାରା ନବଯୁବ ସଂଘ ଡି.ଏଫ୍ଆଇ.ଡି ଏନ୍.ଆର୍.ଏସ୍.ପି. DFID NRSP[୩] ସହାୟତାରେ ଋତୁଗତ ପୋଖରୀରେ କ୍ଷୁଦ୍ରମାନର ମତ୍ସଚାଷ କରିବା ନିମନ୍ତେ ଚେଷ୍ଟା କଲେ । କୃଷକ ଓ ବିଶେଷଜ୍ଞମାନେ ସେମାନଙ୍କର ଏହି ମିଳିତ କାର୍ଯ୍ୟର ସଫଳତାରେ ବିଶେଷ ଖୁସି ହେଲେ । ଏହି ଗବେଷଣାର ସମ୍ବାଦ କଥୋପକଥନ ମାଧ୍ୟମରେ ଚା ଦୋକାନ, କୃଷକ ଦଳ ସଭା ଗୁଡ଼ିକରେ ବ୍ୟାପିଗଲା ଯେ ଜୀବନଧାରା ନିର୍ବାହ କରିବାରେ ମତ୍ସ୍ୟଚାଷ ହେଉଛି ଏକ ଜାଗରଣ । ସମାନ ଭାବେ ଏହା ଜରୁରୀ ଯେ ଏହି ଗବେଷଣାର ସମ୍ବାଦ ଶିକ୍ଷା ଗୋଷ୍ଠୀ ଦ୍ୱାରା ସମ୍ବାଦପତ୍ରମାନଙ୍କରେ ମଧ୍ୟ ଛପାଗଲା । ନିଜର ଜଳାଶୟର ଅନୁସନ୍ଧାନ ନକରି ଗରୀବ ଲୋକମାନଙ୍କ ମଧ୍ୟରେ ମତ୍ସଚାଷର ସାଧନ ନିମନ୍ତେ ଜାଗୃତି ଅଣାଗଲା ।

ତୃତୀୟ କାରଣ ହେଲା ମାଛ ଏକ ଲୋକପ୍ରିୟ ଏବଂ ଲୋକମାନଙ୍କର ଖାଦ୍ୟରେ ଏ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ବଙ୍ଗାଳିମାନେ ସେମାନଙ୍କର ସାଧାରଣ ଖାଦ୍ୟରେ ମାଂସ ଏବଂ ମାଛ ଖାଇବାକୁ ପସନ୍ଦ କରନ୍ତି । ପୂର୍ବଭାରତର ଗୋଷ୍ଠୀମାନଙ୍କ ମଧ୍ୟରେ ଏହା ବିଶେଷ ଆଦୃତ ଲାଭ କରିଛି । ଅଳ୍ପ ଖର୍ଚ୍ଚରେ ମତ୍ସ୍ୟ ଉତ୍ପାଦନ କେବଳ ଏକ ପିଢ଼ିର ଆୟକୁ ସୁଯୋଗ ଦିଏ ନାହିଁ ବରଂ ଏହା ବିଶେଷତଃ ପ୍ରାଣୀକୁ ପୌଷ୍ଟିକ ଯୋଗାଇଥାଏ ଯାହାକି ଅନ୍ୟାନ୍ୟ କିଛି ଖାଦ୍ୟ ଗୁଡ଼ିକରେ ରହିଥାଏ । ବିଶେଷଜ୍ଞ ମାନେ ମତ ଦିଅନ୍ତି ଯେ ମାଛରେ ପ୍ରଚୁର

---

[୩] ରିସାର୍ଚ ପ୍ରୋଜେକ୍ଟ ଆର ୬୭୬୯ "ଇନ୍‌ଟିଗ୍ରେସନ୍ ଅଫ ଏକ୍ୱାକାଲଚାର ଇନ୍ ଟୁ ଦି ଫାର୍ମିଙ୍ଗ ସିସ୍‌ଟମ ଅଫ ଦି ଇଷ୍ଟର୍ଣ୍ଣ ପ୍ଲାଟୁ ଅଫ ଇଣ୍ଡିଆ" (୧୯୯୭-୨୦୦୦) ଦେଖନ୍ତୁ htt:/www.streaminitiative.org/library/india.html

ପରିମାଣରେ ଜୈବିକ ଉତ୍ପାଦନ ଭରି ରହିଛି । ଯାହାକି ଲୋକମାନଙ୍କ ନିମନ୍ତେ ଉତ୍ତମ ଏବଂ ପରିବାରରେ ଥିବା ପୌଷ୍ଟିକତା ସହ ସମାନ୍ ମାଛରେ ଲାଇସିନ୍ ନାମକ ଏକ ପୌଷ୍ଟିକ ରହିଛି ଯାହା ଆମ ସମସ୍ତଙ୍କର ଆବଶ୍ୟକତା ଯାହାକି ଆମେ ଏହା ଚାଉଳ, ଗହମ ଏବଂ ମକାରୁ ଖୁବ୍ କମ୍ ପରିମାଣର ପାଇଥାଉ । ବଙ୍ଗାଳୀ ସଭ୍ୟତାରେ ଭାତ, ଏବଂ ମାଛ ବିଶେଷ ଭୂମିକା ଗ୍ରହଣ କରେ ଏଥିରେ କିଛି ସନ୍ଦେହ ନାହିଁ ।

### କୃଷକ ଏବଂ ମତ୍ସ୍ୟଜୀବୀମାନେ ଚାହାନ୍ତି ଯେ ମତ୍ସ୍ୟ ବୃଦ୍ଧି କରିବା ନିମନ୍ତେ ଯାହାକି ସେମାନଙ୍କୁ ପୂର୍ଣ୍ଣ ସହାୟତା ଯୋଗାଇବ ।

ଯଦି ମାଛ ହେଉଛି ଜନପ୍ରିୟ ଏବଂ ପୌଷ୍ଟିକ ମତ୍ସ୍ୟଚାଷ ଏକ ସଫଳତା ବୋଲି ଜଣାଯାଉଛି ଏବଂ ଖାଦ୍ୟ ସଂରକ୍ଷଣରେ ବିଶେଷ ଭୂମିକା ଗ୍ରହଣ କରିଛି ତଥାପି ଅନେକ କାରଣ ରହିଛି ଯାହାକି ଏହି ସୁଯୋଗକୁ ପ୍ରଭାବିତ କରୁଛି । ଜଳସଂପଦର ବ୍ୟବହାର (ବିଶେଷ କରି ଜଳାଶୟ) ମତ୍ସ୍ୟଚାଷ ନିମନ୍ତେ ସାହାଯ୍ୟ କରିଛି ।



କ୍ଷୁଦ୍ର ପୋଖରୀର ଅଂଶଧାରକ ମାନେ, କାଇପରା

ସମ୍ଭବତଃ ଜଳାଶୟ ଗୁଡ଼ିକର ମାଲିକମାନେ (ଯୋହାକି ସରକାର, ଗୋଷ୍ଠୀ ଏବଂ କ୍ଷୁଦ୍ର ଦଳ ଏବଂ ବ୍ୟକ୍ତିଗତ ଗୃହୋପକରଣ) ଏହି ଜଳ ବ୍ୟବହାର କରିବାରେ ଏମାନେ ମାଲିକ ଅଂଶଧାରକ କାରୀମାନଙ୍କ ସହ ସଂଯୁକ୍ତ ଥାଆନ୍ତି । ଯେତେବେଳେ କି ଏହି ଜଳାଶୟ ସମଗ୍ର ଗୋଷ୍ଠୀର ସାଧାରଣ ହିତ ନିମନ୍ତେ କରାଯାଇଥାଏ । ଯେତେବେଳେ କିଛି ବର୍ଷରେ ସେହି ଜଳାଶୟଗୁଡ଼ିକର ନିଲାମି ଡ଼କାଯାଏ ସେତେବେଳେ ସେମାନଙ୍କ ମଧରେ ନାନା ପ୍ରକାର ମତଭେଦ ଦେଖାଯାଏ, ସେମାନଙ୍କର ଚେଷ୍ଟା ଯେପରି ଭୁଲ ପଥରେ ନଯାଏ ସେଥିପାଇଁ କୃଷକ ଓ ମତ୍ସ୍ୟଜୀବୀମାନେ କେତେଗୁଡ଼ିଏ ସାହାଯ୍ୟ ସେବା ଆବଶ୍ୟକ କରିଥାନ୍ତି । ସେଗୁଡ଼ିକ ହେଲା – କୌଣସି ଉତ୍ତମ କାର୍ଯ୍ୟ କରିବା ପାଇଁ ସୂଚନା ଚାହିଁଥାନ୍ତି । ଉପକରଣ, ଶ୍ରମିକ ଏବଂ ଏସମସ୍ତ ପାଇଁ ଅର୍ଥର ସାହାଯ୍ୟ ମଧ ଚାହିଁଥାନ୍ତି । ଏ ନିମନ୍ତେ ଅନେକ ଜିଲ୍ଲାରେ ବହୁ ପେଶାଦାରମାନେ ଏମାନଙ୍କୁ ସାହାଯ୍ୟ କରିବା ପାଇଁ ରହିଥାନ୍ତି । ଜିଲ୍ଲାର ମତ୍ସ୍ୟ କେନ୍ଦ୍ର ଅଧିକାରୀମାନେ, ଗ୍ରାମ୍ୟ ବ୍ୟାଙ୍କ୍ ଏବଂ ସେମାନଙ୍କର ମ୍ୟାନେଜରମାନେ । ବନ୍ଧୁ ତଥା ପରିବାରବର୍ଗ ଏମାନଙ୍କୁ ସାହାଯ୍ୟ କରନ୍ତି । କିନ୍ତୁ ଏହା ସତ ଯେ ଅନେକ ଛୋଟ ଜଳାଶୟ ଗୁଡ଼ିକ ଅଛି ଏବଂ ଅନେକ ଅନୁନ୍ନତ ଗୋଷ୍ଠୀ ରହିଛନ୍ତି, କିନ୍ତୁ ସେମାନଙ୍କୁ ସାହାଯ୍ୟ ଏବଂ ସେବା କରିବା ପାଇଁ ସେତେ ଲୋକ ନାହାନ୍ତି ।

### ସ୍ୱୟଂ ସହାୟକ ସଂସ୍ଥା ମିଳିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ନିମନ୍ତେ ଚେଷ୍ଟା କରୁଛନ୍ତି ।

ବର୍ତ୍ତମାନ କାଇପାରା ଗ୍ରାମର ବିଶେଷତା ହେଉଛି ଯେ ସେମାନେ ସ୍ୱୟଂ ସହାୟକ ସଂସ୍ଥାର ଏକ ମିଳିତ ଗୋଷ୍ଠୀକୁ ଖୋଜି ପାଇଛନ୍ତି । ଯେଉଁମାନେ କି ନିଜ ଚେଷ୍ଟାରେ ମିଳିତ ଭାବରେ ନିଜର କାର୍ଯ୍ୟକୁ ଉନ୍ନତ ଭାବରେ କରିପାରୁଛନ୍ତି, ଏବଂ ଅନ୍ୟର ସାହାଯ୍ୟ ମଧ ପାଉଛନ୍ତି । ଏହା ଏକ ସ୍ୱଗୃହନିର୍ମିତ ସୂକ୍ଷ୍ମ ମୌଳିକ ସାହାଯ୍ୟ ଯାହାକି ଏହି ଗଳ୍ପର ବିଷୟବସ୍ତୁ ।

ଶ୍ରୀମାନ୍ କୁଦୁସ୍ ଅନ୍‌ସାରୀ କାଇପାରା ଗ୍ରାମର ଖାମାର ତାଡ଼ ଗ୍ରାମରେ ନିଜ ପରିବାର ସହ ବାସ କରନ୍ତି । ସେ ଖାଓ୍ୱାସ୍ଡ଼ିହି ନବଦିପ୍ତା ସଂଘର ଜଣେ ଜାନ୍‌କାର । ସେହି ସ୍ୱୟଂସେବା ସଂସ୍ଥା ନିଷ୍ପତ୍ତି ନିଏ ଯେ କିପରି ଋତୁଗତ ଜଳାଶୟ ଗୁଡ଼ିକରେ ମତ୍ସ୍ୟ ବୃଦ୍ଧି କରାଯିବ ।

---

[୪] ଜାନ୍‌କାର ହେଉଛନ୍ତି ଜଣେ କୃଷକ ଯେକି ଶିକ୍ଷାଗତ ଦକ୍ଷତା ହାସଲ୍ କରିଥାନ୍ତି ଯେକି ଏକ କୃଷକ ସଂଘର ମୁଖିଆ ହୁଅନ୍ତି ।

ସେ ଶିଖିଛନ୍ତି କିପରି ମତ୍ସ୍ୟବୃଦ୍ଧି କରାଯାଏ। ଏବଂ ସାହାଯ୍ୟ ଏବଂ ଅନୁଭବ କରିଛନ୍ତି ଯେ କିପରି ଅନ୍ୟମାନଙ୍କ ସହ ମିଳିତ ଭାବେ କାର୍ଯ୍ୟ କରାଯାଏ, କୁଦୁସ୍ ହେଉଛନ୍ତି ଜଣେ ଦକ୍ଷ ସଂଯୋଗ ସ୍ଥାପନକାରୀ ଏବଂ ସେ ଦଳଗୁଡ଼ିକୁ ଏକତ୍ର କାର୍ଯ୍ୟ କରିବା ନିମନ୍ତେ ଉତ୍ସାହିତ କରାନ୍ତି। ଯେତେବେଳେ ଗ୍ରାମୀଣ ବିକାଶ ଟ୍ରଷ୍ଟ ଦଳ ଗଠନ କରିବା ପାଇଁ ତାର କୌଶଳ ବୃଦ୍ଧି କଲା, ସେତେବେଳେ କୁଦୁସ୍ ଏହି ଏନ୍.ଜି.ଓ ର ଜଣେ ସମ୍ପ୍ରସାରଣକାରୀ ଜାନ୍କାର ହୋଇ ଅନ୍ୟ ପଡ଼ୋଶୀ ଗ୍ରାମଗୁଡ଼ିକୁ ଦକ୍ଷତାର ସହ ଉତ୍ସାହିତ କଲେ ସେହି ଯୋଜନା ନିମନ୍ତେ ଯାହାକୁ କ୍ରିବ୍କୋ (KRIBCO) ଡି.ଏଫ.ଆଇ.ଡି (DFID) ଏବଂ ଜି.ଭି.ଟି (G.V.T) ଅନୁସରଣ କରନ୍ତି। କୁଦୁସ୍ ଗ୍ରାମରୁ ଗ୍ରାମ ଭ୍ରମଣ କରି ସଂପୂର୍ଣ୍ଣ ପରିଷ୍କାର ହୋଇଗଲେ। ଯେ ଲୋକମାନେ ଏକତ୍ର ହୋଇ କାର୍ଯ୍ୟକରି ଲାଭବାନ୍ ହେଉଛନ୍ତି। ତେଣୁ ସ୍ୱୟଂ ସହାୟକ ଦଳ ଏକତ୍ର କାର୍ଯ୍ୟ କରିବା ଦ୍ୱାରା ଲାଭବାନ୍ ହେବେ। କୁଦୁସ୍ ସ୍ୱୟଂ ସହାୟକ ଦଳ ସହିତ ମିଳିତ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ନିମନ୍ତେ ଚେଷ୍ଟା କରି ନିଜର ସ୍ୱପ୍ନ ସାକାର କରିଥିଲେ। ୨୦୦୪ ଜାନୁୟାରୀରେ ବହୁ ବିଚାରବିମର୍ଶ କରି ମିଳିତଭାବରେ ୭୦ରୁ ଉର୍ଦ୍ଧ୍ୱ ସ୍ୱୟଂସହାୟକ ଦଳ ଗଠନ କରାଗଲା। ବର୍ତ୍ତମାନର ତିଆରି କରାଯାଉଥିବା ସଂଘ ମଧରେ ୧୭୪ ଜଣ ପୁରୁଷ ଓ ୮୯୦ ଜଣ ସ୍ତ୍ରୀ ଲୋକମାନେ ସ୍ୱେଚ୍ଛାରେ ୧୪ଟି ସ୍ୱୟଂ ସହାୟକ ଦଳ ସଂଯୁକ୍ତ ହୋଇଛନ୍ତି। ଯାହାକି ବର୍ତ୍ତମାନର ତଥାକଥିତ ଦରିଦ୍ର ସୀମାରେଖା ଦଳର। ଏହି ଦଳ ଦ୍ୱାରା ୩୦୦ରୁ ଉର୍ଦ୍ଧ୍ୱ ଜଳାଶୟ ଯେଉଁଠାରେ ମତ୍ସ୍ୟ ଚାଷ ଯୋଜନା କରାଯାଉଛି ଏବଂ ଅନେକ କାମ ମଧ ଚାଲିଛି। ସଂଘ ଏକ ୪୦ ଜଣିଆ ସର୍ବସାଧାରଣ ସମିତି ଗଠନ କରି ଏକ ୧୧ ଜଣିଆ ପଥପ୍ରଦର୍ଶକ ସମିତିର ନିର୍ବାଚନ କରିଥିଲା। ଫେବୃଆରୀ ମାସରେ ୨୦୦ ସଂଘୀୟ ସଦସ୍ୟମାନେ ଏକ କିଷାନ୍ ମେଳା (କୃଷକ ଯାତ୍ରା) ବଜ୍ର କ୍ଲଷ୍ଟର୍‌ରେ ଯୋଗ ଦେଇଥିଲେ ଏବଂ ଏକ ସମ୍ମାନଜନକ ସଂଗୀତ ଗାନ କରିଥିଲେ ତାହା ହେଉଛି ଉଦ୍‌ବୋଧନ ସଂଗୀତ।



କୁଦୁସ ଆନ୍‌ସାରୀ ଝାଡ଼ଖଣ୍ଡର ଏକ ରାଜ୍ୟରେ ଉପସ୍ଥାପନ କରୁଛନ୍ତି

### ନୀତି ପରିବର୍ତ୍ତନ ପାଇଁ କୃଷକମାନଙ୍କୁ ନିଜର ବକ୍ତବ୍ୟ ରଖିବାର ସୁଯୋଗ ଦିଆଯାଉଛି

ଷ୍ଟ୍ରୀମ୍ ନୀତି ପରିବର୍ତ୍ତନ ପାଇଁ କୃଷକମାନଙ୍କର ସ୍ୱର ଉତ୍ତୋଳନ କରିବାରେ ବିଶେଷ ଭୂମିକା ଗ୍ରହଣ କରିଛି ଯାହାକି ବର୍ତ୍ତମାନ ଏହି ଭାରତବର୍ଷରେ କାର୍ଯ୍ୟ କରୁଛି ଏବଂ ଯୋଜନା କିପରି ଶୀଘ୍ର ପରିବର୍ତ୍ତନ ହେବ ସେଥିପାଇଁ ଏହା ତଦାରଖ କରୁଛି ଓ ବିଶେଷ ଧାନ ସହ ସୁପାରିଶ୍ କରୁଛି। ଏହି ଯୋଜନାକୁ ସେମାନେ କୃଷକମାନଙ୍କର ମତାମତ, ମତ୍ସ୍ୟଜୀବୀମାନଙ୍କର ଚିନ୍ତାଧାରା, ନୀତି ନିୟମ କାର୍ଯ୍ୟକାରୀ ମାନଙ୍କର ମତାମତକୁ ନେଇ ଏକ ବଡ଼ଧରଣର ସୁପାରିଶ୍ ଦ୍ୱାରା ଏହାର ବୃଦ୍ଧିସାଧନ କରାଯାଇଛି।

କାଇପାରାର କୁଦୁସ୍ ଆନ୍‌ସାରୀ ଷ୍ଟ୍ରୀମ୍‌ର ଉତ୍ସାହ ଜନକ କାର୍ଯ୍ୟରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଯାହାକି କୃଷକମାନଙ୍କ ସହଯୋଗରେ ଯୋଜନାକାରୀମାନଙ୍କ ସହ ସଂଯୁକ୍ତ ହୋଇପାରିଛି। ଜାନୁୟାରୀ ୨୦୦୪ରେ କୁଦୁସ୍ DFID NRSP କାର୍ଯ୍ୟଶାଳାରେ ଯୋଗ ଦେଇଥିଲେ ଯାହାକି ଷ୍ଟ୍ରୀମ୍ ଦ୍ୱାରା ପରିଚାଳନା କରାଯାଇଥିଲା। ଯେଉଁଥିରେ ଏକ ଛାତ ତଳେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବାର ପରିକଳ୍ପନା କରାଯାଇଥିଲା। ଯୋଗଦେବା ପୂର୍ବରୁ କାଇପାରା ଗ୍ରାମରେ କୃଷକମାନଙ୍କ ମଧରେ ଏକ ଆଲୋଚନା ହେଲା ଯେ କିପରି କୁଦୁସ୍ ସଂଘବଦ୍ଧ କାର୍ଯ୍ୟଶାଳାର ଉପସ୍ଥାପନ କରିବେ। ସେହି ଆଲୋଚନାରେ କୃଷକମାନେ ଏକମତ ହେଲେ ଯେ ସଂଘ ହେଉଛି ଏକ ସୁଦକ୍ଷ ସେହି ସେବା କାର୍ଯ୍ୟକାରୀ କରିବାରେ।

କାର୍ଯ୍ୟଶାଳାରେ କୁଦୁସ୍ ଆନ୍‌ସାରୀ ନିଜର ମତାମତ ଜଣାଇଲେ ଯେ ମତ୍ସ୍ୟଜୀବୀ ସଂସ୍ଥା ସୂଚନା କେନ୍ଦ୍ର ସଂଘଦ୍ୱାରା ଗଠନ ହେବା ଆବଶ୍ୟକ। ଅନ୍ୟାନ୍ୟ ମତାନୁଯାୟୀ ଭିନ୍ନ ଭିନ୍ନ ସଂସ୍ଥା ସୂଚନା କେନ୍ଦ୍ର ଗଠନ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ସେହି ସ୍ଥାନଗୁଡ଼ିକ ହେଉଛି ଝାଡ଼ଖଣ୍ଡର (ରାଞ୍ଚିରେ) ଥିବା ମତ୍ସ୍ୟଜୀବୀ ସଂସ୍ଥାଗୁଡ଼ିକ, କେନ୍ଦ୍ର ବିଶୁଦ୍ଧ ଜଳ ମତ୍ସ୍ୟଚାଷ ଅନୁଷ୍ଠାନ (ଓଡ଼ିଶାର ଭୁବନେଶ୍ୱର) ଏବଂ ଓଡ଼ିଶାର ପଶ୍ଚିମରାଜ୍ୟ ଯୋଜନା ଏହାର ଅନ୍ତର୍ଭୁକ୍ତ।



ସଂଘର ସର୍ବସାଧାରଣ ସଭା

ଷ୍ଟ୍ରୀମ୍‌ର ଦୁଇ ଜଣ ଭାରତୀୟ କାର୍ଯ୍ୟକାରୀ ଏବଂ ଜଣେ ଜିଭିଟିର ସହଯୋଗୀ କର୍ମଶାଳାକୁ ଅନୁସରଣ କରି କାଇପାରା ଗ୍ରାମରେ ଚାରିଦିନ ଯାତ୍ରା ସମୟରେ ଆଲୋଚନା କରି ସଂଘ ସ୍ଥାନୀୟ ବ୍ୟାଙ୍କ ଏବଂ ସରକାରୀ ଓ ଅଣ ସରକାରୀ ସହାୟକ ସଂସ୍ଥା ସହ ଏକ ନିଷ୍ପତ୍ତି ଗ୍ରହଣ କରିଥିଲେ। କାର୍ଯ୍ୟଶାଳା ସଂଘ ଦ୍ୱାରା କାଇପାରା ଗ୍ରାମର ସଂଘ, ବ୍ୟାଙ୍କ, ଏବଂ ଅନ୍ୟ ସଂସ୍ଥା ଗୁଡ଼ିକୁ ସୁଦକ୍ଷ କରି ଗଢ଼ିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହି କାର୍ଯ୍ୟଶାଳାରେ କୁଦୁସ୍ ଦୃଷ୍ଟି ଆକର୍ଷଣ କରିଥିଲେ ଯେ କିପରି କୃଷକମାନଙ୍କୁ ମତ୍ସ୍ୟଚାଷ, ଉତ୍ପାଦନ ସମ୍ବନ୍ଧରେ ଯେଉଁ ସୂଚନା ଦିଆଯାଇଥିଲା ତାକୁ କିପରି ଉଚ୍ଚକୋଟୀର କରିହେବ ସେ ବିଷୟରେ ଓ.ଏ.ଏସ୍. OAS ପରିବର୍ତ୍ତନର ପଥ ଦେଖାଇବ। ଏହି ଓ.ଏ.ଏସ୍ ର ସାହାଯ୍ୟ ସହଯୋଗ ଦ୍ୱାରା କୃଷକମାନେ ସରକାରୀ ଯୋଜନା, କ୍ଷୁଦ୍ର-ଋଣ କିପରି ସହଜ ହେବ ତାହା ଦେଖିପାରିଲେ। ସହାୟକ ସଂସ୍ଥା ଗୁଡ଼ିକ ମଧ ଦେଖିପାରିଲେ ଯେ କିପରି ସେମାନେ ନିଜର ପ୍ରୟାସକୁ ଅଧିକ କାର୍ଯ୍ୟକ୍ଷମ କରିପାରିବେ। ସେଥିପାଇଁ ସେମାନେ ନିଜର ଅର୍ଥବିନିଯୋଗ କରିବାରେ କୁଣ୍ଠାବୋଧ କରୁନାହାନ୍ତି। ପ୍ରକୃତରେ କହିବାକୁ ଗଲେ ଏକ ମାସ ପୂର୍ବରୁ ସଂଘର ପଥପ୍ରଦର୍ଶକ କମିଟି କାଇପାରାରେ ଏକ ମତ୍ସ୍ୟଚାଷ ସଂସ୍ଥା ଆରମ୍ଭ କରିବା ପାଇଁ ପ୍ରତିଶୃତି ନେଇଥିଲେ।

## ଆର୍ଥିକ ସହାୟତା ଏବଂ ସେବାକୁ ଜାଗ୍ରତ ରଖିବା

ପ୍ରତ୍ୟେକ ସ୍ୱୟଂ ସହାୟକ ସଂସ୍ଥା ନିଜ ଦଳର ଜମା ପୁଞ୍ଜିରୁ ୨୦୦ ଟଙ୍କା (୨୭ ଆମେରିକୀୟ ଡଲାର) ଖର୍ଚ୍ଚ କରି ସେମାନଙ୍କର ଅର୍ଥନୀତିକୁ ପରିଚାଳନା କରିଥାନ୍ତି। କାଇପାରାର OAS ଏକ ସେବା ଯୋଗାଇଥିଲା ଯାହାକି ହେଉଛି ବଡ଼ ଜାଆଁଳର ଯୋଗାଣ। ଋତୁଗତ ପୋଖରୀରେ କୃଷକମାନେ ବଡ଼ ଜାଆଁଳ ଆବଶ୍ୟକ କରିଥାନ୍ତି। ଋତୁର ଆଗମନ ପୂର୍ବରୁ ଜଳ ଶୁଖିବା ପୂର୍ବରୁ ଜାଆଁଳ ଗୁଡ଼ିକ ଯେପରି ଶୀଘ୍ର ବଢ଼ିଯିବ। ସେଥିପାଇଁ NRSP ଷ୍ଟ୍ରୀମ୍‌ର ମତାମତ ଓ ସାଧାରଣ ଚୁକ୍ତିର ଗଠନ ଯୋଜନାକୁ କୃଷକ ମାନେ ମୁଖ୍ୟ ସୁପାରିଶ୍ ରୂପେ ଆଲୋକପାତ କରାଇଥିଲେ।




କାଇପରା ମତ୍ସ୍ୟ ସେବା କେନ୍ଦ୍ର

୨୦୦୪ରେ ଏହାକୁ ଆରମ୍ଭ କରିବା ପୂର୍ବରୁ ଦୁଇଟି ପୋଖରୀ ସଂଘ ଦ୍ୱାରା ନିଲାମିରେ ନିଆଯାଇଥିଲା ମାଛ ଜାଆଁଳ ଚାଷ କରାଇବା ପାଇଁ। ସେଗୁଡ଼ିକ କୃଷକମାନଙ୍କୁ ୨୫,୦୦୦ ବଡ଼ ଜାଆଁଳ ଯୋଗାଇ ଦିଆଗଲା, ଏବଂ ୩୦ କି.ମି. ଗୋଲାକୃତିର ସ୍ଥାନ ମଧରେ ଅଗଣତି ଦରରେ ସଂଘମାନଙ୍କର ସଭ୍ୟମାନଙ୍କୁ ବଣ୍ଟାଗଲା। ଲୋକମାନେ ଏହି ବଡ଼ ଜାଆଁଳ କିଣିବା ପାଇଁ ୨୪ କି.ମି. ଦୂରରୁ ମଧ ଆସୁଥିଲେ। କୁଦୁସ୍ କହନ୍ତି ଯେ ସଂଘ କିପରି ଏହାର ଗୁଣ ମାନର ବୃଦ୍ଧି ନିମନ୍ତେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଏହା କଣ ଯୋଗାଣ କରେ ସେ ବିଷୟରେ ମଧ କୃଷକମାନଙ୍କୁ ସଜାଗ କରେ। ସଂଘର ପ୍ରଥମ ଲକ୍ଷ୍ୟଥିଲା ଯେ ଯେତେବେଳେ ସ୍ଥାନୀୟ ବଜାରରେ ଏହି ଜାଆଁଳର ଚାହିଦା ୧,୦୦୦,୦୦୦. ସେତେବେଳେ ମତ୍ସ୍ୟସେବା କେନ୍ଦ୍ର ଏହି ଚାହିଦାର ଅଧା ପୂରଣ କରିବା ପାଇଁ ତାର କ୍ଷମତା ବୃଦ୍ଧି କଲା।

ଅପର ପକ୍ଷରେ ସ୍ୱୟଂ ସହାୟକ ସଂସ୍ଥାକୁ ସାହାଯ୍ୟ କରିବା ପାଇଁ ମତ୍ସ୍ୟଚାଷ ଏବଂ OAS କୁ ଜାଗ୍ରତ କରିବା ପାଇଁ ସାଲଗଟୀ ଗ୍ରାମର ଛଅ ଜଣିଆ ମହିଳା ଦଳ ଦଶଟି ପୋଖରୀର ବୃହତ୍ ମତ୍ସ୍ୟ ବିକ୍ରୟ କରିବାରେ ସାହାଯ୍ୟ କଲେ। ଏହି ବ୍ୟବସ୍ଥା ଏପରି ଭାବରେ କରାଗଲା ଯେ

ଲାଭରେ ୫୦% ଦଳକୁ ୨୫% ପୋଖରୀର ମାଲିକକୁ ଏବଂ ୨୫% ମତ୍ସ୍ୟସେବା କେନ୍ଦ୍ରକୁ ଦିଆଯିବ ଫିଙ୍ଗରଲିଙ୍ଗ ଯୋଗାଇ ଦିଆଯାଇଥିବା ପାଇଁ।

## ନୂତନ ହିସାବରେ ସୂଚନା ହାସଲ କରିବା

ଅକ୍ଟୋବର ୨୦୦୪ରେ ଷ୍ଟ୍ରୀମ୍‌ର କର୍ମକର୍ତ୍ତା ମାନେ GVT ର ସହକର୍ମୀ ମାନଙ୍କ ସହିତ କାଇପାରାର ମତ୍ସ୍ୟ ସେବା କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ସେମାନେ ଷ୍ଟ୍ରୀମ୍‌ର ସହାୟତାରେ ଗଠିତ ହୋଇଥିବା ମତ୍ସ୍ୟସେବା କେନ୍ଦ୍ର ସୂଚନା ସେବା (OASIS) ବିଷୟରେ ସଂଘର ଦ୍ୱି ମାସିକ ସଭାରେ ସେମାନଙ୍କୁ ଜଣାଇଥିଲେ ପୁଣି ସେମାନଙ୍କର ସାହାଯ୍ୟ ଓ ସହଯୋଗୀତା ବିଷୟରେ ସେମାନଙ୍କୁ ଅବଗତ କରାଇଥିଲେ। ଏହି ମତ୍ସ୍ୟ ସେବା କେନ୍ଦ୍ର ଲୋକମାନଙ୍କୁ ବିଭିନ୍ନ ପ୍ରକାର ସୂଚନା ବିଭିନ୍ନ ମାଧ୍ୟମରେ ଯୋଗାଇ ଦେଇଥାଏ ସେଗୁଡ଼ିକ ହେଲା ସ୍ଥାନୀୟ ଭାଷାରେ ବହିପତ୍ର, ଭିଡ଼ିଓ, ନାଟକ ଷ୍ଟ୍ରୀମ୍ ସମ୍ବାଦ ପୁଣି ଭାରତ ଓ ଭାରତ ବାହାରର ସୂଚନା ମଧ୍ୟ ଯୋଗାଇ ଦିଆଯାଏ।

କାଇପାରା, ଝାଡ଼ଖଣ୍ଡ ତଥା ଓଡ଼ିଶାର ଅନ୍ୟାନ୍ୟ ପ୍ରସ୍ତାବିତ ମତ୍ସ୍ୟସେବା କେନ୍ଦ୍ର ଗୁଡ଼ିକ DFID NRSP ଓ ଷ୍ଟ୍ରୀମ୍‌ର ସାହାଯ୍ୟ ଓ ସହଯୋଗରେ ନୂତନ ପଦ୍ଧତିରେ ସୂଚନା, ଅନୁଷ୍ଠାନ ଗତ ଶିକ୍ଷା ଏବଂ ସେବା କାର୍ଯ୍ୟ ପାଇବା ପାଇଁ ଚାଷି ମତ୍ସ୍ୟ ଚାଷି ଓ ସରକାର ସୁପାରିଶ କରିଛନ୍ତି।

ସ୍ୱୟଂ ସେବା ଦଳର ଫେଡରେସନ୍ ଏବଂ ମତ୍ସ୍ୟସେବା କେନ୍ଦ୍ରଗୁଡ଼ିକ ଏକ ନୂତନ ଆଦର୍ଶରେ, ଚାଷୀମାନଙ୍କର ଯେଉଁଠି ନୂତନ ଦଳ ସଙ୍ଗଠିତ ହେଉଛି ସେମାନଙ୍କ ସହିତ ଯୋଗାଯୋଗ ଓ ସେବା କାର୍ଯ୍ୟ ଉନ୍ନତି ପଦ୍ଧତିରେ କରୁଛନ୍ତି। ଏହି କେନ୍ଦ୍ର ଗୁଡ଼ିକ ଏକ ବତିଘର ସଦୃଶ୍ୟ କାର୍ଯ୍ୟ କରୁଛନ୍ତି। ଚାଷୀ ଓ ମତ୍ସ୍ୟଜୀବି ମାନେ ଏହି ପଦ୍ଧତି ଦ୍ୱାରା ବହୁତ ଉପକୃତ ହେଉଛନ୍ତି ପୁଣି କୁଦୁସ୍‌ଙ୍କର କହିବା ଅନୁସାରେ ଆଗରୁ କେହି ଏ ସୁବିଧା ପାଇଁ ଆସୁନଥିଲେ ବର୍ତ୍ତମାନ ସମସ୍ତେ ଆସୁଛନ୍ତି।

ଜନସାଧାରଣଙ୍କର ମୂଳଧନ ବୃଦ୍ଧି କରିବାର ଅଧିକ ଜାନକାରୀ ପାଇଁ ଯୋଗାଯୋଗ କରନ୍ତୁ। ପୂର୍ବ ଭାରତର ବର୍ଷାକାଳୀନ ଚାଷ ଯୋଜନାରେ, ଅଥବା NGO ଗ୍ରାମୀଣ ବିକାଶ ଟ୍ରଷ୍ଟ (ଅମର ପ୍ରସାଦ, CEO ଅଥବା ଜେ.ଏସ୍. ଗଙ୍ଗୁଓ୍ୱାର ଏଡ଼ିସନାଲ CEO, GVT ନୟଡ଼ା ଠାରେ) ଅଥବା ବିରେନ୍ଦ୍ର କୁମାର ଭିଜ୍, ପ୍ରୋଜେକ୍ଟ ମେନେଜର ପୂର୍ବ GVT ରାଞ୍ଚି ଝାଡ଼ଖଣ୍ଡ।

ମତ୍ସ୍ୟ ଚାଷ ସମ୍ବନ୍ଧୀୟ ଗବେଷଣା କାର୍ଯ୍ୟରେ ସହଯୋଗ କରିବା ପାଇଁ ଯାହାକି କାଇପାରାରେ ଅନୁଷ୍ଠିତ ହେଉଛି। ସେଥିରୁ ଅଧିକ ଜାନକାରୀ ପାଇଁ ଯୋଗାଯୋଗ କରନ୍ତୁ DFIDର ନେଚୁରାଲ୍ ରିସାର୍ଚ ସିସ୍ଟମ ପ୍ରୋଗ୍ରାମ୍ ପୁଣି ଦେଖନ୍ତୁ ମେଲିନି ଫେଲ୍‌ସିଂ, ଗ୍ରାହମ୍ ହେଲର, ଗୌତମ ଦର୍ତ୍ତା, ବ୍ରଜେନ୍ଦ୍ର କୁମାର, ସ୍ମିତା ସ୍ୱେତା, ଏ ନଟରାଜନ୍, ଗୁଲସନ୍ ଆରୋରା ଏବଂ ବିରେନ୍ଦ୍ର ସିଂହ (୨୦୦୩) ପୂର୍ବ ଭାରତୀୟ ମୌସୁମୀ ଜଳ ଚାଷ। ଏସିୟାନ୍ ଫିସାରିଜ୍ ସାଇନ୍ସ। ଏବଂ ଭିଡ଼ିଓ (ଦି ପଣ୍ଡ ଅପ୍ ଦି ଲିଟିଲ୍ ଫିସେସ୍) ଏଗୁଡ଼ିକ ଏକ କମ୍ପ୍ୟୁଟରରୁ ଅନ୍ୟ କମ୍ପ୍ୟୁଟରକୁ ସିଧାସଳଖ ଭାବେ ନିଆଯାଇ ପାରିବ ଏହି ପଦ୍ଧତି ଦ୍ୱାରା www.streaminitiative.org OASIS ବିଷୟରେ ଅଧିକ ସୂଚନା ଜାଣିବା ପାଇଁ ଏହାଙ୍କୁ ଯୋଗାଯୋଗ କରନ୍ତୁ। ଗୁରୁ ମୁଖାର୍ଜୀଙ୍କୁ ଷ୍ଟ୍ରୀମ୍ ସଂଚାର କେନ୍ଦ୍ରରେ ଇ ମେଲ ମାଧ୍ୟମରେ streamin@sancharnet.in

ଏହି ମତ୍ସ୍ୟ ସଂସ୍ଥା କାଇପାରାରେ ଏମାନଙ୍କ ଦ୍ୱାରା ନିର୍ମିତ କରାଗଲା- ଶ୍ରୀମତି ଅଳକା ମହାନ୍ତ। ଗୋସାଇ ଡିହ ମଧପଡ଼ା ଗ୍ରାମ ଉନ୍ନୟନ ସମିତି, ଶ୍ରୀମତୀ ପୂର୍ଣ୍ଣିମା ଷଡ଼ଙ୍ଗୀ, ଭୌଗାରୀମହିଳା ସମିତି; ଶ୍ରୀମତୀ ଉର୍ମିଳା ଟୁଡୁ ସାଇଘାଟି ବିନ୍ଦୁ ଚନ୍ଦନ ମହିଳା ସମିତି; ଶ୍ରୀମତି ଅଞ୍ଜନା ମହାନ୍ତ, ଭଗିନୀ ନିବେଦିତା ମହିଳା ସମିତି; ଶ୍ରୀମତି ଉର୍ମିଳା ଟୁଡୁ, ସିଧୁକାନୁ ମହିଳା ସମିତି; ଶ୍ରୀମାନ୍ ସତ୍ୟ ମହାନ୍ତ, ରଘୁନାଥପୁର ମହିଳା ସମିତି; ଶ୍ରୀମତି ଜିଲାପି କାଳିନ୍ଦୀ, କାଇପାରା ମହିଳା ସମିତି; ଶ୍ରୀମାନ୍ ନିଧିରାମ୍ ମହାନ୍ତ; କାଇପାରା କିଶୋର ସଂଘ; ଆରତୀ ମହାନ୍ତ, ଭବାନୀପୁର ମହିଳା ସମିତି ଶ୍ରୀମତି ପୁଷ୍ପା ମହାନ୍ତ, ବାମୁ ମହିଳା ସମିତି, ଶ୍ରୀମାନ୍ ମନୋରଂଜନ ମହାନ୍ତ, ଗୋସେଇପୁଆ ମିଳନ ସଂଘ, ଶ୍ରୀମତି ମମତା ମହାନ୍ତି, ଗୋସେଇପୁଆ ମହିଳା ସମିତି; ଶ୍ରୀମାନ୍ କୁଦୁସ୍ ଆନ୍‌ସାରୀ, ଖାଓ୍ୱାସଡିହ ନବଦୀପ୍ତା ସଂଘ; ଶ୍ରୀମତି ବେଲା ମହାନ୍ତି, ସୁକୁରହୁଟୁ ମତାରା ମହିଳା ସମିତି; ଶ୍ରୀମତି ହିମାନୀ ମହାନ୍ତ, ସୁକୁରୁହୁଟ ମାତାରା ମହିଳା ସଂଘ; ଶ୍ରୀମାନ୍ ଚକ୍ରଧର ମହାନ୍ତି, ଖମାରଡାର ନବତରୁନ୍ ସଂଘ; ଶ୍ରୀମତି ମାନାବାଳା ମହାନ୍ତି, ଖାମାରଡାର ମହିଳା ସମିତି; ଶ୍ରୀମାନ୍ ସୁରମାଳି ଆନ୍‌ସାରୀ; ପାଲମା ସବୁଜ ସଂଘ ଏବଂ ଶ୍ରୀମତି ନିରଳା ମୁର୍ମୁ ସାଲଘାଟି ମହିଳା ସମିତି।